To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

କଂଗ୍ରେସର ବରିଷ୍ଠ ନେତା ମଣିଶଙ୍କର ଆୟାର ଦଳରୁ ବହିଷ୍କୃତ ।

R.N.I. No.-42041/83 Vol-15, Issue No.158, ଭଦ୍ରକ, ଶୁକ୍ରବାର, ୮, ଡିସେମ୍ବର ୨୦୧୭ ■ Bhadrak, Friday, 8 December 2017 Rs. 2.00 Pages-8

ବୁର୍ଲା ଡାକ୍ତରଙ୍କ ଆତ୍ମହତ୍ୟା ଅଭିଯୋଗ

ସମ୍ବଲପୁର/କଟକ, ୭।୧୨ (ସକାଳ ଖବର): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ଡାକ୍ତର ଗୁରୁବାର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ମେଡିକାଲ କଲେଜର ଆସୋସିଏଟ ପ୍ରଫେସର ସସ୍ମିତା ବିଶ୍ୱାଳ ଆତ୍ମହତ୍ୟା କରିଛନ୍ତି । ଫାର୍ମା କଲେଜ ବିଭାଗରେ ଆସୋସିଏଟ ଡାକ୍ତର ଥିବା ସସ୍ମିତା ବିଶ୍ୱାଳ ନିଜର ପୁଅର ମୃତ୍ୟୁ ପରେ ୮ମାସ ହେବ ମାନସିକ ଭାବେ ଚିନ୍ତାରେ ଥିଲେ । କଟକ ଅଞ୍ଚଳରେ ନିଜର ସ୍ଥାୟୀ ଘରେ ରହୁଥିବାବେଳେ ସସ୍ମିତା ୨୦୧୩ ମସିହାରେ ଭିଏସଏସ ମେଡିକାଲକୁ ବଦଳି ହୋଇଥିଲେ । ପୁଅର ମୃତ୍ୟୁରେ ଭାଙ୍ଗି ପଡି ତାଙ୍କର ମସ୍ତିଷ୍କ କାମ କରୁନଥିଲା । ସେଥିପାଇଁ ସେ ଫାର୍ମା କୋଲଜି ବିଭାଗରୁ ନଭେମ୍ବର ମାସରେ ଛୁଟିନେଇ କଟକ ଆସିଥିଲେ । ମଧୁପାଟଣା ଅଞ୍ଚଳରେ ଥିବା ହନୁମାନ ମନ୍ଦିର କଡରୁ ଗୁରୁବାର ଅପରାହ୍ଣ ୩ଟାରେ ସସ୍ମିତାଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକ ପୁଲିସକୁ ସୂଚନା ଦେଇଥିଲେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିବା ବେଳେ ସସ୍ମିତାଙ୍କ ଶରୀରରେ ଇନ୍‌ଜେକସନ୍ ଲାଗିଥିବା ଦେଖିବାକୁ ମିଳିଥିଲା । ଶବ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣା ପଡିବ ବୋଲି ପୁଲିସ କହିଛି ।

ମହାନଦୀ-ବ୍ରାହ୍ମଣୀକୁ ନେଇ କମ୍ପିଲା ରାଜନୀତି

- ■ ବିଧାନସଭାରେ ମହାନଦୀ ତାତି
- ■ ହଟ୍ଟଗୋଳ ଯୋଗୁଁ ଗୃହ ବାରମ୍ବାର ମୁଲତବୀ
- ■ ମହାନଦୀ ମାମଲାରେ ଗଠନ ହେବ ଗୃହ କମିଟି
- ■ ବିଜେଡି ସମସ୍ତ ତଥ୍ୟ ସହ ସୁପ୍ରିମ୍‌କୋର୍ଟ ଯାଉ : ପ୍ରଦୀପ ପୁରୋହିତ
- ■ ଓଡିଶା ପ୍ରତି ଚରମ ବିଶ୍ୱାସଘାତକତା : ଅମର ଶତପଥୀ

ଭୁବନେଶ୍ୱର, ୭।୧୨ (ସକାଳ ଖବର): ମହାନଦୀ ଓ ବ୍ରାହ୍ମଣୀକୁ ନେଇ ବର୍ତ୍ତମାନ ଓଡ଼ିଶା ରାଜନୀତି ସରଗରମ ରହିଛି । ପଂଚଦଶ ବିଧାନସଭା ଏକାଦଶ ଅଧିବେଶନର ଅଷ୍ଟମ କାର୍ଯ୍ୟ ଦିବସରେ ମହାନଦୀ ପ୍ରସଙ୍ଗକୁ ନେଇ ଆଜି ଗୃହର ଆରମ୍ଭରୁ ହିଁ ଉଭୟ ଶାସକ ଓ ବିରୋଧୀ ଦଳର ହୋ ହାଲ୍ଲା ଓ ନାରାବାଜୀ ଯୋଗୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଏହାକୁ ଏଡାଇବାକୁ ଯାଇ ବାଚସ୍ପତି ଶ୍ରୀ ପ୍ରଦୀପ କୁମାର ଅମାତ ଗୃହକୁ ବାରମ୍ବାର ମୁଲତବୀ କରିଥିଲେ । ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ବାଚସ୍ପତି ତାଙ୍କ ପ୍ରକୋଷ୍ଠରେ ଅପରାହ୍ଣ ୫ଟାରେ ସର୍ବ ଦଳୀୟ ବୈଠକ ଡାକିଥିଲେ ଏବଂ ଏଥିରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀ , ବିରୋଧୀ ଦଳ ନେତା , ସଂସଦୀୟ ବ୍ୟାପାର ମନ୍ତ୍ରୀ , ଶାସକ ଦଳ ମୁଖ୍ୟ ସଚେତକ , ଉପମୁଖ୍ୟ ସଚେତକ , ବିଜେପି ବିଧାୟକ ଦଳ ନେତା , ବିରୋଧୀ ଦଳ ମୁଖ୍ୟ ସଚେତକ , ବିଧାୟକ ସଂଜୟ ଦାସବର୍ମା ,ଦେବୀ ମିଶ୍ର , ଲକ୍ଷ୍ମଣ ମୁଣ୍ଡା , ଜର୍ଜ ତିର୍କୀ ଓ ନୀତିଶ୍ ଗଙ୍ଗଦେବଙ୍କୁ ଆମନ୍ତ୍ରଣ କରିଥିଲେ। ଏଥିପାଇଁ ବାଚସ୍ପତି ଗୃହକୁ ୩ଟା ୩୪ ମିନିଟରୁ ସଂଧ୍ୟା ୬ ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ହଟ୍ଟଗୋଳ ଯୋଗୁଁ ଆଜି ହେବାକୁ ଥିବା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ , ଶୂନ୍ୟକାଳ କାର୍ଯ୍ୟକ୍ରମ ଓ ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯ୍ୟାତନା ଜନିତ ପ୍ରସଙ୍ଗ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇ ପାରିନଥିଲା । ଗତକାଲି ସୁପ୍ରିମ୍ କୋର୍ଟରେ ରାଜ୍ୟ ସରକାରଙ୍କ ଅସଲମୁଖା ଖୋଲିଯିବା ପରେ ସେମାନେ ଏହାକୁ ଚପାଇ ଦେବା ପାଇଁ ସରକାରରେ ଥାଇ ମଧ୍ୟ ବିଧାନସଭାରେ ହୋହାଲ୍ଲା କରି ଗୃହକୁ ଅଚଳ କରୁଛନ୍ତି ବୋଲି ବିଜେପି ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି । ସେ ଏହାକୁ ଦୃଢ ନିନ୍ଦା କରୁଛନ୍ତି ବୋଲି କହିବା ସହ ସରକାରଙ୍କୁ ସଦବୁଦ୍ଧି ଜୁଟୁ ଏବଂ **(ପୃଷ୍ଠା-୭)**

ବିଜେପି-ବିଜେଡିର କୁମ୍ଭୀର କାନ୍ଦଣା : ନରସିଂହ

ଭୁବନେଶ୍ୱର, ୭।୧୨ (ସକାଳ ଖବର): ରାଉରକେଲା ଠାରେ ବ୍ରାହ୍ମଣୀ ନଦୀରେ ପ୍ରସ୍ତାବିତ ଦ୍ୱିତୀୟ ସେତୁ ପାଇଁ କେନ୍ଦ୍ରର ବିଜେପି ସରକାର ଓ ରାଜ୍ୟର ବିଜେଡି ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଉଭୟ ସରକାର ରାଉରକେଲାବାସୀଙ୍କର ଦୀର୍ଘ ଦିନର ଦାବିକୁ ରାଜନୈତିକ ଶ୍ରେୟ ପାଇବା ପରିପ୍ରେକ୍ଷୀରେ ଅଣଦେଖା କରି ଚାଲିଛନ୍ତି। ତୁରନ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ନକଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି କଂଗ୍ରେସ ମୁଖପାତ୍ର ସୌଗତ ମହାନ୍ତି ଚେତାବନୀ ଦଇଛନ୍ତି । ସେ କହିଛନ୍ତି ଯେ ଷାଠିଏ ବର୍ଷ ତଳେ ନିର୍ମାଣ କରାଯାଇଥିବା ସେତୁ ଆଜି ଅସୁରକ୍ଷିତ ହୋଇ ପଡିଥିବା ସ୍ଥଳେ ଭାରୀମାତ୍ରାରେ ଯାନବାହାନ ଚଳାଚଳ ଦୃଷ୍ଟିରୁ ଯାତାୟତ ପାଇଁ ବିପଦସଂଙ୍କୁଳ ହୋଇଗଲାଣି। ମାତ୍ର କେନ୍ଦ୍ର ଓ ରାଜ୍ୟର ଲୁଚକାଳି ଖେଳ ରାଉରକେଲାବାସୀଙ୍କ ପାଇଁ କାଳ ହେବାକୁ ଯାଉଛି। କେନ୍ଦ୍ରରେ ଉପା ସରକାର ଥିବା ସମୟରେ ୨୦୧୨ ମସିହା ମଇ ମାସରେ ଏହି ଦ୍ୱିତୀୟ ସେତୁ ପାଇଁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଗୋଟିଏ କମ୍ପାନୀକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ସେହି କମ୍ପାନୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପାଇଁ ରାଉରକେଲ। ଠାରେ କାର୍ଯ୍ୟାଳୟ

ମଧ୍ୟ ଖୋଲିଥିଲା। ମାତ୍ର ପରିତାପର ବିଷୟ ରାଜ୍ୟର ବିଜେଡି ସରକାର ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜଙ୍ଗଲ ବିଭାଗର ଅନୁମୋଦନ ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ମଧ୍ୟ କରିପାରିଲେ ନାହିଁ। ଫଳରେ ଉକ୍ତ କମ୍ପାନୀ ୨୦୧୪ ମସିହା ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟରୁ ଓହରି ଯାଇଥିଲା।। ୨୦୧୪ ମସିହା ସାଧାରଣ ନିର୍ବାଚନ ପ୍ରଚାର ସମୟରେ ରାଉରକେଲା ଠାରେ ନରେନ୍ଦ୍ର ମୋଦି ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ଖୁବ୍‌ଶୀଘ୍ର ତିଆରି ହେବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ। **(ପୃଷ୍ଠା-୭)**

ଘନୀଭୂତ ହେଉଛି ଲଘୁଚାପ

ଦକ୍ଷିଣ, ଉପକୂଳ ଓଡିଶାରେ ପ୍ରବଳ ବର୍ଷିବ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ

ଭୁବନେଶ୍ୱର, ୭।୧୨ (ସକାଳ ଖବର):- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇଛି। ସମୁଦ୍ର ମଧ୍ୟରେ ଏହା ଘଂଟାପ୍ରତି ୩୫ କିଲୋମିଟର ବେଗରେ ଗତି କରି ଗୁରୁବାର ଅପରାହ୍ଣ ୨ଟା ବେଳକୁ ଗୋପାଳପୁର ତଟର ଦକ୍ଷିଣ-ପୂର୍ବ ଦିଗରେ ୭୯୦ କିଲୋମିଟର ଦୂରରେ ରହିଛି। ଏହା କ୍ରମଶଃ ସମୁଦ୍ର ଭିତରେ ଉତର- ପଶ୍ଚିମ ଦିଗରେ ଗତି କରି ଆହୁରି ଘନୀଭୂତ ହେବା ସହ ଆସନ୍ତା ୨୪ ଘଂଟା ମଧ୍ୟରେ ଭୀଷଣ ଅବପାତ (ଡିପ୍ ଡିପ୍ରେସନ୍)ରେ ରୂପାନ୍ତରିତ ହେବ । ୮ ତାରିଖ ମଧ୍ୟରାତ୍ରରୁ ୯ ତାରିଖ ସକାଳ ମଧ୍ୟରେ ଉତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ଲଘୁଚାପଟି ଉପକୂଳ ଅତିକ୍ରମ କଲାବେଳକୁ ଦୁର୍ବଳ ହୋଇ ପଡ଼ିଥିବା ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ବିଶେଷ କୌଣସି କ୍ଷୟକ୍ଷତି ଘଟିବ ନାହିଁ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ଆସନ୍ତା ୨୪ରୁ ୭୨ ଘଂଟା ମଧ୍ୟରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିବ। ଏଥିସହ ଗଜପତି, ଗଞ୍ଜାମ, ରାୟଗଡ଼ା, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ମାଲକାନଗିରି ଓ କୋରାପୁଟ ଜିଲ୍ଲାର କେତେକ ଅଂଚଳରେ ଏହି ସମୟ ମଧ୍ୟରେ ଘଡ଼ଘଡ଼ି ଓ ପବନ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ୧୦ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଘଡଘଡି ସହ ବର୍ଷା ଜାରି ରହିବ। ତେବେ **(ପୃଷ୍ଠା-୭)**

ଏନ୍‌ଏସ୍‌ଏପି ଯୋଜନାରେ ଡିବିଟି ବ୍ୟବସ୍ଥା ହିତାଧିକାରୀଙ୍କୁ ଲାଭ ଦେବନି

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପତ୍ର ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୧୨ (ସକାଳ ଖବର):- ରାଜ୍ୟରେ ବ୍ୟାଙ୍କ ଗୁଡିକର ସଂଖ୍ୟା ଆବଶ୍ୟକତା ଅନୁସାରେ ନ ଥିବା କାରଣରୁ ଏନଏସଏପି ଯୋଜନାରେ ଡିବିଟି ବ୍ୟବସ୍ଥା ଲାଗୁ ହେଲେ ହିତାଧିକାରୀ ଲାଭାନ୍ୱିତ ହେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏନଏସଏପିର ଗାଇଡଲାଇନ ଅନୁସାରେ ପ୍ରତ୍ୟେକ ମଙ୍ଗସର ୧୫ ତାରିଖ ଦିନ ଗ୍ରାମ ପଂଚାୟତ ଓ ଅର୍ବାନ ବଡି ମାନଙ୍କରେ ଏହି ଭତା ପ୍ରଦାନ ଅତ୍ୟନ୍ତ ସ୍ୱଚ୍ଛତାର ସହ ସମସ୍ତଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥାଏ । ରାଜ୍ୟରେ ମୋଟ ୪୩୭୬ ପଂଚାୟତରେ ବ୍ୟାଙ୍କର ଶାଖା ନାହିଁ । ଅନେକ ବ୍ୟାଙ୍କ ଏପରି ରହିଛି ଯେଉଁଥିରେ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି । ତେଣୁ ପେନସନ ପାଉଥିବା ହିତାଧିକାରୀ ମାନେ ଡିବିଟି ବ୍ୟବସ୍ଥାରେ ଅର୍ଥ ଗ୍ରହଣ କଲେ ବ୍ୟାଙ୍କ ଗୁଡିକ ଉପରେ ଆହୁରି ଚାପ ପଡିବ । ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏନଏସଏପିର ଗାଇଡଲାଇନରେ ସ୍ପଷ୍ଟ ରୂପେ ଉଲ୍ଲେଖ ରହିଛି ଯେ ହିତାଧିକାରୀ ମାନଙ୍କୁ ସେମାନଙ୍କ ସୁବିଧା ଅନୁସାରେ ଏହା ପ୍ରଦାନ କରାଯିବ । ରାଜ୍ୟ ସରକାର ୨୦୧୬-୧୭ରେ ଏ ନେଇ ଏକ ସର୍ଭେ କରିଥିଲେ ଯେଉଁଥିରେ ସ୍ପଷ୍ଟ ହୋଇଥିଲ। ଯେ ହିତାଧିକାରୀ ମାନେ ବ୍ୟାଙ୍କ ଓ ପୋଷ୍ଟ ଅଫିସର ସେବା ଠିକ ନ ଥିବାରୁ ଏହା ଜରିଆରେ ଏହି ସେବା ପାଇବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି । ରାଜ୍ୟରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଓ ଟେଲିକମ୍ୟୁନିକେସନର ଏଭଳି ସ୍ଥିତି କାରଣରୁ ହିତାଧିକାରୀ ମାନଙ୍କର ସୁବିଧା ଅନୁସାରେ ପ୍ରଦାନ କରାଯିବା ଉଚିତ ବୋଲି ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଅନ୍ୟପକ୍ଷରେ ନବୀନ ପଟ୍ଟନାୟକ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡିବିଟି) ବଦଳରେ ପ୍ରତ୍ୟକ୍ଷ ଭାବେ ନଗଦ ଦେବାକୁ ଯୁକ୍ତି ବାଢି ଦଳୀୟ ଲୋକ ଓ ମଧ୍ୟସ୍ଥିଙ୍କୁ ଲାଭ ପହଂଚାଇବାକୁ ଚେଷ୍ଟା କରୁଛନ୍ତି ବୋଲି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ କରି ଏହା କହିଛନ୍ତି । ଓଡିଶାର ମୁଖ୍ୟମନ୍ତ୍ରୀ ରାଷ୍ଟ୍ରୀୟ ସାମାଜିକ ସହାୟତା ଯୋଜନା (ଏନଏସଏପି)ରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଯୋଜନା କାର୍ଯ୍ୟକାରିତାକୁ ଲାଗୁ ନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ହିତାଧିକାରୀ ମାନଙ୍କୁ ପୁରୁଣା ଉପାୟରେ ନଗଦ ପ୍ରଦାନ କରିବା ଜାରୀ ରଖିବା ପାଇଁ ଯୁକ୍ତି ବୋଲି ଶ୍ରୀ ପ୍ରଧାନ ତାଙ୍କ ଟ୍ୱିଟରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଦାବି ଦଳୀୟ ଲୋକ ଓ ମଧ୍ୟସ୍ଥିଙ୍କୁ ଲାଭ ଦେବ : ଧର୍ମେନ୍ଦ୍ର ପ୍ରଧାନ

ବୈତରଣୀ ନଦୀବନ୍ଧରେ ୪ ଶହ ଫୁଟର ଘାଇ, ଲୋକେ ଆତଙ୍କିତ

ଭଦ୍ରକ, ୭।୧୨ (ସକାଳ ଖବର): ଭଦ୍ରକ ଚାନ୍ଦବାଲି ଷାଠିବାଙ୍କୁଡା ନିକଟରେ ବୈତରଣୀ ନଦୀ ବନ୍ଧରେ ୪୦୦ ଫୁଟର ଘାଇ ସୃଷ୍ଟି ହୋଇଛି । ଘାଇ ସୃଷ୍ଟି ହେବା ଫଳରେ ନଦୀବନ୍ଧ ଧସିଯାଇଥିବା ଦେଖିବାକୁ ମିଳିଛି ଛ ନଦୀରୁ ବେଆଇନ ବାଲି ଉଠାଣ ହେଉଥିବାରୁ ଘାଇ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଘାଇକୁ ଦେଖି ସ୍ଥାନୀୟ ଅଂଚଳର ଲୋକମାନେ ଆତଙ୍କିତ ହୋଇଛନ୍ତି । ବାରମ୍ବାର ବାଲି ଚାଲାଣ ହେଉଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଓ କୌଣସି ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣିଛନ୍ତି ।

ତମ ଭିତରେ ହବାକୁ ଥିବା ମୋ ଗତିକୁ ତୁମେ ନିଜ ଗତି ମାନୁଛ । ସଂପୂର୍ଣ୍ଣ ବ୍ରହ୍ମାଣ୍ଡ ମୋ ଭିତରେ ରହିଥାଏ ଏବଂ ମୁଁ ତା ଭିତରେ ଭ୍ରମଣ କରେ ।

ହୁଣ୍ଡିର ଆୟ (୭.୧୨.୧୭)
୧,୫୫,୧୯୬

ମାଲବାହୀ ଟ୍ରେନର ୬ ବଗି ଲାଇନଚ୍ୟୁତ

କୋରାପୁଟ, ୭।୧୨ (ସକାଳ ଖବର): କୋରାପୁଟ ଜିଲ୍ଲା ଡୁମୁରିପୁଟ-ଦାମନଯୋଡି ଷ୍ଟେସନ ମଝିରେ ଜଗଦଳପୁରରୁ ଦାମନଯୋଡି ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନର ୬ଟି ବଗି ଗତକାଲି ବିଳମ୍ବିତ ରାତିରେ ଲାଇନଚ୍ୟୁତ ହୋଇଛି । ଫଳରେ ଦୀର୍ଘ ସମୟ ଧରି ସମ୍ପୃକ୍ତ ରୁଟରେ ରେଳ ଚଳାଚଳ ବ୍ୟାହତ ହୋଇଛି । ରେଳ ଧାରଣାରେ ତ୍ରୁଟି ଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଏ ସମ୍ପର୍କରେ ସୂଚନା ପାଇ ରେଳ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବିଶାଖାପାଟଣାରୁ ଆସି ଘଟଣାସ୍ଥଳରେ ପହଂଚି ରେଳ ଧାରଣା ଉପରୁ ବଗିଗୁଡିକୁ ହଟାଇବା ସହ ଧାରଣା ମରାମତି କାର୍ଯ୍ୟ ଜାରୀ ରଖିଛନ୍ତି । ଘଟଣା ପରେ ସମ୍ପୃକ୍ତ ରୁଟରେ ୫ଟି ଟ୍ରେନକୁ ବାତିଲ୍ କରାଯାଇଛି । ଆଜି ସକାଳୁ କୋରାପୁଟରୁ ହାଓ୍ୱଡା ଯିବାକୁ ଥିବା ସମଲେଶ୍ୱରୀ ଏକ୍ସପ୍ରେସକୁ ବାତିଲ୍ କରାଯାଇଛି । ଭୁବନେଶ୍ୱରରୁ ଜଗଦଳପୁର ଅଭିମୁଖେ ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସ ରାୟଗଡ଼ା ଠାରେ ଅଟକିଥିଲା । ସେହିପରି ଜଗଦଳପୁରରୁ ହାଓ୍ୱଡା ଅଭିମୁଖେ ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ କୋରାପୁଟ ଠାରେ ଅଟକି ରହିଥିଲା । ଏହା ବ୍ୟତିତ ଅନ୍ୟ ଦୁଇଟି ପାସେଞ୍ଜର ଟ୍ରେନ କିରୋଣ୍ଡଲ-ବିଶାଖାପାଟଣା ଏବଂ ବିଶାଖାପାଟଣା-କିରୋଣ୍ଡଲକୁ ବାତିଲ୍ କରାଯାଇଛି ।

ପାକ୍ ଓ ଚୀନ୍‌କୁ ଋଷ୍‌ର ଝଟ୍‌କା

ମସ୍କୋ, ୭।୧୨ : ନ୍ୟୁକ୍ଲିୟର୍ ସପ୍ଲାଏ ଗ୍ରୁପ୍(ଏନଏସ୍‌ଜି) ସ୍ଥାୟୀ ସଦସ୍ୟତା ପାଇଁ ଦୀର୍ଘ ଦିନ ଧରି ଭାରତ କରୁଥିବା ଦାବିକୁ ଆଜି ପ୍ରଥମ ଥର ପାଇଁ ଋଷିଆ ଖୋଲାଖୋଲି ସମର୍ଥନ ଦେଇଛି । ଋଷିଆର ଏ ପ୍ରକାର ଆଚରଣ ପୁଣିଥରେ ଉଭୟ ଦେଶ ମଧ୍ୟରେ ପୂର୍ବରୁ ରହି ଆସିଥିବା ବନ୍ଧୁତ୍ୱର ଡୋରିକୁ ଦୃଢ଼ କରିଥିବା ବେଳେ ପାକିସ୍ତାନ ଓ ଚୀନ୍‌କୁ ଜୋର୍ ଝଟ୍‌କା ଦେଇଛି । ଏନଏସ୍‌ଜିରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ କରୁଥିବା ଦାବିକୁ ପାକିସ୍ତାନର ଦାବି ସହ ଯୋଡ଼ା ନଯାଉ ବୋଲି ଆଜି ବେଶ୍ ଶାଣିତ ସ୍ୱରରେ କହିଛି ଋଷିଆ । ଖାଲି ଏତିକିରେ ନିଜକୁ ସୀମିତ ରଖି ନାହିଁ ଋଷିଆ, ଏନସିଜିରେ ଭାରତକୁ କିପରି ସ୍ଥାୟୀ ସଦସ୍ୟତା ମିଳି ପାରିବ, ସେ ନେଇ ମଧ୍ୟ ଚୀନ ସହ ଆଲୋଚନା ଆରମ୍ଭ କରିଛି ଋଷିଆ। ଋଷିଆ ରଷ୍ଟ୍ରପତି ଭ୍ଲାଦିମର ପୁଟିନ୍ ଆଜି ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି, ଆସନ୍ତା ଜୁନ୍ ମାସରେ ଅନୁଷ୍ଠିତ ହେବାକୁ ଥିବା ଏନ୍‌ଏସ୍‌ଜି ଗ୍ରୁପ୍ ବୈଠକରେ ସେ ଏନସିଜିରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ କରୁଥିବା ଦାବିକୁ ପୂର୍ଣ୍ଣ ସମର୍ଥନ ଦେବେ । ଉଲ୍ଲେଖଯୋଗ୍ୟ, ଏନଏସଜିରେ ସ୍ଥାୟୀ ସଦସ୍ୟତା ହାସଲ ପାଇଁ ଭାରତର ଦାବିକୁ ଚୀନ ବାରମ୍ବାର ବିରୋଧ କରି ଆସୁଛି ।

ହାତୀ ଆତଙ୍କରେ ୧୨ ପଞ୍ଚାୟତବାସୀ

ବାଲେଶ୍ୱର,୭।୧୨ (ସକାଳ ଖବର): ନୀଳଗିରି ଅଂଚଳକୁ ମାଡ଼ି ଆସିଛନ୍ତି ୯୨ରୁ ଉର୍ଦ୍ଧ୍ୱ ହାତୀପଲ । ମାତ୍ର ବର୍ଷେ ଦୁଇ ବର୍ଷର ବ୍ୟବଧାନ ପରେ ପୁଣି ଥରେ ନୀଳଗିରି ଅଂଚଳକୁ ଝାଡ଼ଖଣ୍ଡ ଦଲମା ଅଭୟାରଣ୍ୟର ହାତୀପଲ ଆସିବା ଘଟଣାରେ ନୀଳଗିରିର ୧୨ଟି ପଂଚାୟତର ବନାଂଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଚଳିତ ବର୍ଷ ବନ ବିଭାଗ ହାତୀ ଆସ୍ଥାନ ଜମାଉଥିବା ସଂରକ୍ଷିତ ଜଙ୍ଗଲରେ ୧୦ କି.ମି. ଟ୍ରେଂଚ, ୨୭ କି.ମି. ସୋଲାର ଫେନସିଂ କରିଥିବାରୁ ହାତୀଗୁଡ଼ିକ ଜନବସତି ଆଡ଼କୁ ମୁହାଁଇବା କଷ୍ଟକର ବୋଲି ବନବିଭାଗ ପ୍ରକାଶ କରିଛି । କିନ୍ତୁ ବନାଂଚଳବାସୀ ଏହାକୀ ସହଜରେ ଗ୍ରହଣ କରିପାରୁନାହାନ୍ତି । ବନାଂଚଳବାସୀ ଗଛ ଉପରେ ମଂଚା ବାନ୍ଧିଥିବା ବେଳେ ନିଛାଟିଆ ଜଙ୍ଗଲ ଭିତରେ ଥିବା ବନାଂଚଳବାସୀ ନିଜ ଜୀବନକୁ ବଂଚାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସାଧାରଣ ଜନତା ହାତୀପଲକୁ ବିଶୃଙ୍ଖଳିତ ନ କରିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସାହିରେ ସଚେତନତା କାର୍ଯ୍ୟକ୍ରମ, ଗାଁ ମୁଣ୍ଡରେ ନିଆଁହୁଳାର କାର୍ଯ୍ୟକ୍ରମ ଜାରି ରଖାଯାଇଛି । ହାତୀ ଭୟରେ ଭଉଁରିଆବାଡ଼ ପଂଚାୟତର ଜଡ଼ିବାଲି, ତେରେଲ ଡିହି, ତୁଳସୀ ଡିହା, ବଣଭୂଇଁ, ବୟାରସାହି, ଅଯୋଧ୍ୟା ପଂଚାୟତର ଗୋପାଳପୁର, **(ପୃଷ୍ଠା-୭)**



ଅନ୍ତରୀକ୍ଷର ଅନ୍ୟତମ ମହାଜାଗତିକ ବସ୍ତୁ କୃଷ୍ଣଗର୍ତ୍ତର ଅବସ୍ଥିତି ସମ୍ପର୍କରେ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି । ଏହା ସୂର୍ଯ୍ୟଙ୍କ ବସ୍ତୁତ୍ୱର ପ୍ରାୟ ୮୦କୋଟି ଗୁଣ ବସ୍ତୁତ୍ୱର ଥିବା ଜଣାଯାଇଛି ।

କୁମ୍ଭମେଳାକୁ ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ମାନ୍ୟତା

ନୂଆଦିଲ୍ଲୀ, ୭।୧୨: ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ସମ୍ମିଳନୀ କୁହାଯାଉଥିବା ପବିତ୍ର କୁମ୍ଭମେଳାକୁ ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରାପ୍ତ ହୋଇଛି । କୁମ୍ଭମେଳାର ମହାନ ପରମ୍ପରା ଓ ଆସ୍ଥା ପାଇଁ ଏହାକୁ ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନିତ କରାଯାଇଛି । ୟୁନେସ୍କୋର ବିଶ୍ୱ ଐତିହ୍ୟ କମିଟି ଦକ୍ଷିଣ କୋରିଆର ଜେଜୁରେ ଏହାର ଦ୍ୱାଦଶ ସମ୍ମିଳନୀରେ କୁମ୍ଭମେଳାକୁ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦେଇଛି । ୫୫ ଦିନର ମହାକୁମ୍ଭମେଳା ଯାତ୍ରା ପ୍ରତି ୧୨ ବର୍ଷରେ ଥରେ ଅନୁଷ୍ଠିତ ହୁଏ । ଶେଷ ଥର ପାଇଁ ଆହ୍ଲାବାଦରେ ୨୦୧୩ ମସିହାରେ ଏହି ମେଳା ହୋଇଥିଲା ।

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick